بسم الله الرحمٰن الرحيم

**ଖୁତବା ଜୁମା ୨ ଅକ୍ଟୋବର ୨୦୨୦ରେ ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# *ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବୀ ହଜ୍‌ରତ୍ ଅବୁ ଉବୈଦାହ୍ ବିନ୍ ଜର୍‌ରାହ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ ବଦରୀ ସାହାବାଙ୍କ ଚର୍ଚ୍ଚା କ୍ରମରେ ମୁଁ ଆଜି ଯେଉଁ ସାହାବୀଙ୍କ ଚର୍ଚ୍ଚା କରିବି ସେ ହେଉଛନ୍ତି ହଜ଼ରତ ଅବୁ ଉବୈଦାହ୍ ବିନ୍ ଜର୍‌ରାହ୍ ର.ଅ । ହଜ଼ରତ ଅବୁ ଉବୈଦାହ୍ ବିନ୍ ଜର୍‌ରାହ୍ ର.ଅଙ୍କ ନାମ ଆମିର୍ ବିନ୍ ଅବ୍‌ଦୁଲ୍ଲାଃ ଥିଲା ଏବଂ ତାଙ୍କ ପିତାଙ୍କ ନାମ ଅବ୍‌ଦୁଲ୍ଲାଃ ବିନ୍ ଜର୍‌ରାହ୍ ଥିଲା । ହଜ଼ରତ ଅବୁ ଉବୈଦାହ୍ ନିଜର ଗୋତ୍ର ଯୋଗୁଁ ପ୍ରସିଦ୍ଧି ଲାଭ କରିଥିଲେ । ଏହାର ଅପର ପକ୍ଷରେ ତାଙ୍କର ବଂଶବୃକ୍ଷକୁ ତାଙ୍କର ପିତାମହ ଜର୍‌ରାହଙ୍କ ସହିତ ଯୋଡ଼ା ଯାଉଥିଲା । ତାଙ୍କ ମାତାଙ୍କ ନାମ ଅମିମା ଥିଲା ଏବଂ ତାଙ୍କର ସଂପର୍କ କୁରେଶ ବଂଶର ବନୁ ହାରିସ୍ ବିନ୍ ଫହର୍ ସଂପ୍ରଦାୟ ସହିତ ଥିଲା । ସେ ଅଧିକ ଉଚ୍ଚତା ସଂପନ୍ନ ବ୍ୟକ୍ତି ଥିଲେ, ଦୁର୍ବଳ ଶରୀର ବ୍ୟକ୍ତି ଥିଲେ ଏବଂ ତାଙ୍କ ଗାଲରେ ମାଂସ କମ୍ ଥିଲା । ଓହୋଦ୍ ଯୁଦ୍ଧ ଅବସରରେ ହୁଜୁର ସ.ଅଙ୍କ ଗାଲରେ ଫସି ରହିଥିବା ଦନ୍ତ ଖଣ୍ଡକୁ ବାହାର କରିବାରେ ତାଙ୍କର ସମ୍ମୁଖ ଦନ୍ତ ଦ୍ୱୟ ଭାଙ୍ଗି ଯାଇଥିଲା । ତାଙ୍କର ଦାଢି ଅଧିକ ଘନ ନଥିଲା ଏବଂ ସେ ନିଜ ଦାଢିକୁ ରଙ୍ଗ ଲେପନ କରୁଥିଲେ । ହଜ଼ରତ୍ ଅବୁ ଉବୈଦାହ୍ ବିନ୍ ଜର୍‌ରାହ୍ ର.ଅ ଏକାଧିକ ବିବାହ କରିଥିଲେ । କିନ୍ତୁ ତନ୍ମଧ୍ୟରୁ କେବଳ ଦୁଇ ପତ୍ନିଙ୍କ ଠାରୁ ତାଙ୍କୁ ସନ୍ତାନ ପ୍ରାପ୍ତି ହୋଇଥିଲା । ତାଙ୍କର ଦୁଇଟି ପୁତ୍ର ଥିଲେ । ଦୁଇ ପୁତ୍ରରୁ ଗୋଟିଏ ପୁତ୍ରର ନାମ ୟଜ଼ିଦ ଏବଂ ଅନ୍ୟ ଏକ ପୁତ୍ରର ନାମ ଉମୈର୍ ଥିଲା । ହଜ଼ରତ ଅବୁ ଉବୈଦାହ୍ ବିନ୍ ଜର୍‌ରାହ୍ ର.ଅ ସେହି ଦଶ ଜଣ ସାହାବାମାନଙ୍କ ମଧ୍ୟରୁ ଜଣେ, ଯାହାଙ୍କୁ ଆଁହଜ଼ରତ୍ ସ.ଅ ସେମାନଙ୍କ ଜୀବନ କାଳ ମଧ୍ୟରେ ହିଁ ବୈକୁଣ୍ଠଗାମୀ ହେବାର ଶୁଭ ସମ୍ବାଦ ପ୍ରଦାନ କରିଥିଲେ । ଯେଉଁମାନଙ୍କୁ **ଅଶ୍‌ରା ମୁବଶ୍ଶରା** ବୋଲି କୁହାଯାଏ । ହଜ଼ରତ୍ ଅବୁ ଉବୈଦାହ୍ ସେହି ଗଣମାନ୍ୟ ଏନଂ ନୈଷ୍ଠିକ ପ୍ରିୟ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଥିଲେ । ଯେତେବେଳେ ମୁଲମାନମାନେ ଦାରେ ଅରକମ୍ ଠାରେ ଆଶ୍ରୟ ନେଇ ନଥିଲେ ସେତେବେଳେ ହଜ଼ରତ ଅବୁ ବକ୍କର୍ ର.ଅଙ୍କ ତବ୍‌ଲିଗ୍ ବଳରେ ହଜ଼ରତ ଅବୁ ଉବୈଦାହ୍ ବିନ୍ ଜର୍‌ରାହ୍ ର.ଅ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ । ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ହଜ଼ରତ ଅବୁ ବକ୍କର ର.ଅ ନବମ ବ୍ୟକ୍ତି ଥିଲେ । ହଜ଼ରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ ଯେ, ପ୍ରତ୍ୟେକ ଉମ୍ମତ୍‌ର ଜଣେ ଅମିନ୍ (ସନ୍ତକ ରକ୍ଷକ) ଥାଏ ଏବଂ ମୋ ଉମ୍ମତ୍‌ରେ ହଜ଼ରତ ଅବୁ ଉବୈଦାହ୍ ବିନ୍ ଜର୍‌ରାହ୍ ର.ଅ ଅମିନ୍ ଅଟନ୍ତି । ଏକ ଅବସରରେ ଆଁହଜ଼ରତ୍ ସ.ଅ ହଜ଼ରତ ଅବୁ ଉବୈଦାହ୍ ବିନ୍ ଜର୍‌ରାହ୍ ର.ଅଙ୍କ ହାତ ଧରି କହିଲେ; هٰذَا أَمِيْنُ هٰذِهِ الْأُمَّة **ଅର୍ଥାତ ଏ ହେଉଛନ୍ତି ଏହି ଉମ୍ମତର ଅମିନ୍** । ହଜ଼ରତ ଅବୁ ହୁରୈରାହ୍

ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ ଯେ, ଅବୁ ବକ୍କର, ଉମର୍, ଅବୁ ଉବୈଦାହ୍ ବିନ୍ ଜର୍ରାହ, ଉସୈଦ୍ ବିନ୍ ହୁଜ଼ୈର୍, ସାବିତ୍ ବିନ୍ କ୍ଵୈସ୍ ବିନ୍ ଶମାଶ୍, ମୁଆଜ଼୍ ବିନ୍ ଜବଲ୍ ଓ ମୁଆଜ଼ ବିନ୍ ଉମ୍ରୋ ବିନ୍ ଜୁମୁହ୍ ଆଦି ସାହାବାମାନେ କେତେ ଉତ୍ତମ ବ୍ୟକ୍ତି ଅଟନ୍ତି । ଅର୍ଥାତ ଆଁହଜ଼ରତ ସ.ଅ ଏମାନଙ୍କର ଭୂରିଭୂରି ପ୍ରଶଂସା କରିଥିଲେ । ଏକଦା ହଜ଼ରତ ଆଏଶା ର.ଅଙ୍କୁ ପ୍ରଶ୍ନ କରାଗଲା ଯେ, ଆଁହଜ଼ରତ ସ.ଅ ନିଜ ମୃତ୍ୟୁ ପରେ ଯଦି କୌଣସି ବ୍ୟକ୍ତିକୁ ଖଲିଫା ରୂପେ ମନୋନୀତ କରିଥାଆନ୍ତେ ତାହାହେଲେ କାହାକୁ କାହାକୁ ମନୋନୀତ କରି ଥାଆନ୍ତେ ? ପ୍ରତ୍ୟୁତ୍ତରରେ ହଜ଼ରତ ଆଏଶା ର.ଅ କହିଲେ ହଜ଼ରତ ଅବୁ ବକ୍କର ର.ଅଙ୍କୁ । ଲୋକମାନେ ପୁନଶ୍ଚ ପଚାରିଲେ ଯେ, ହଜ଼ରତ ଅବୁ ବକ୍କର ର.ଅଙ୍କ ପରେ କାହାକୁ ଖଲିଫା ରୂପେ ମନୋନୀତ କରି ଥାଆନ୍ତେ ? ହଜ଼ରତ ଆଏଶା ର.ଅ ଉତ୍ତର ଦେଲେ ହଜ଼ରତ ଉମର୍ ର.ଅଙ୍କୁ । ଲୋକମାନେ ପୁନଶ୍ଚ ପଚାରିଲେ ଯେ, ହଜ଼ରତ ଉମର୍ ର.ଅଙ୍କ ପରେ କାହାକୁ ଖଲିଫା ରୂପେ ମନୋନୀତ କରି ଥାଆନ୍ତେ ? ହଜ଼ରତ ଆଏଶା ର.ଅ ଉତ୍ତର ଦେଲେ ହଜ଼ରତ ଅବୁ ଉବୈଦାହ୍ ବିନ୍ ଜର୍ରାହ୍ ର.ଅଙ୍କୁ । ହଜ଼ରତ ଆଏଶା ର.ଅଙ୍କ ଦୃଷ୍ଟିରେ ଅବୁ ଉବୈଦାହ୍ ବିନ୍ ଜର୍ରାହ୍ ର.ଅଙ୍କ ପାଇଁ ଏତେ ମର୍ଯ୍ୟାଦା ଥିଲା କି ସେ କହୁଥିଲେ ଯେ, ହଜ଼ରତ ଉମର୍ ର.ଅଙ୍କ ବିୟୋଗ ବେଳେ ଯଦି ହଜ଼ରତ ଅବୁ ଉବୈଦାହ୍ ବିନ୍ ଜର୍ରାହ୍ ର.ଅ ଜୀବିତ ଥାଆନ୍ତେ ତାହାହେଲେ ସେ ହିଁ ଖଲିଫା ହୋଇ ଥାଆନ୍ତେ । ସେ ହବ୍ଶା ପ୍ରବାସରେ ମଧ୍ୟ ସାମିଲ୍ ଥିଲେ । ହଜ଼ରତ ଅବୁ ଉବୈଦାହ୍ ବିନ୍ ଜର୍ରାହ୍ ର.ଅ ଯେତେବେଳେ ମଦିନାକୁ ପ୍ରବାସ କରି ଆସିଲେ ସେତେବେଳେ ତାଙ୍କୁ ଦେଖି ଆଁହଜ଼ରତ ସ.ଅଙ୍କ ମୁଖ ମଣ୍ଡଳ ବିବର୍ଣ୍ଣ ହୋଇ ପଡ଼ିଥିଲା । ହଜ଼ରତ ଉମର୍ ର.ଅ ଆଗକୁ ବଢି ଆଲିଙ୍ଗନ କଲେ । ହଜ଼ରତ ଅବୁ ଉବୈଦାହ୍ ବିନ୍ ଜର୍ରାହ୍ ର.ଅ ବଦର୍ ଯୁଦ୍ଧ, ଓହୋଦ୍ ଯୁଦ୍ଧ ଏବଂ ଅନ୍ୟ ସମସ୍ତ ଯୁଦ୍ଧରେ ରସୁଲ୍ କରୀମ୍ ସ.ଅଙ୍କ ସହିତ ସାମିଲ୍ ଥିଲେ । ବଦର୍ ଯୁଦ୍ଧ ଅବସରରେ ହଜ଼ରତ ଅବୁ ଉବୈଦାହ୍ ର.ଅଙ୍କୁ ୪୧ ବର୍ଷ ବୟସ ହୋଇଥିଲା । ବଦର୍ ଯୁଦ୍ଧ ଦିନ ହଜ଼ରତ ଅବୁ ଉବୈଦାହ୍ ର.ଅ ମୁସଲମାନମାନଙ୍କ ଆଡୁ ଯୁଦ୍ଧ ଭୂମିକୁ ଆସିଲେ ଏବଂ ତାଙ୍କ ପିତା ଅବ୍ଦୁଲ୍ଲାଃ ଅମାନ୍ୟକାରୀଙ୍କ ପଟରୁ ଯୁଦ୍ଧ ଭୂମିରେ ପଦାର୍ପଣ କରିଥିଲେ । ପିତା ପୁତ୍ର ଦୁହେଁ ମୁହାଁମୁହିଁ ହେଲେ ଏବଂ ପରିଶେଷରେ ଏକେଶ୍ୱରବାଦ ବଂଶୀୟ ସଂପର୍କ ଉପରେ ବିସ୍ତାର ଲାଭ କରିଥିଲା ଏବଂ ଅବଦୁଲ୍ଲାଃ ନିଜର ପୁତ୍ର ହଜ଼ରତ ଅବୁ ଉବୈଦାହ୍ ର.ଅଙ୍କ ହାତରେ ନିହତ ହୋଇଥିଲା ।

ଓହୋଦ୍ ଯୁଦ୍ଧ ଅବସରରେ ଯେତେବେଳେ ଲୋକମାନେ ବିକ୍ଷିପ୍ତ ହୋଇଯାଇଥିଲେ ସେତେବେଳେ ହଜ଼ରତ ଅବୁ ଉବୈଦାହ୍ ର.ଅ ସେହି ଲୋକମାନଙ୍କ ମଧ୍ୟରୁ ଜଣେ ଥିଲେ ଯିଏ ଆଁହଜ଼ରତ ସ.ଅଙ୍କ ସହିତ ଅବିଚଳ ଭାବରେ ଉପସ୍ଥିତ ଥିଲେ । ଜୁଲ୍ କାଆଦ୍ ୬ ହିଜ଼ରୀରେ ସୁଲାହ୍ ହୁଦୈବିୟା ଅବସରରେ ଯେତେବେଳେ ସନ୍ଧି ପତ୍ର ଉଲ୍ଲିଖିତ ହେଲା ସେତେବେଳେ ଉକ୍ତ ସର୍ତ୍ତାବଳୀମୂଳକ ସନ୍ଧିର ଦୁଇଟି ନକଲ ପ୍ରସ୍ତୁତ କରାଗଲା ଏବଂ ସାକ୍ଷ୍ୟ ସ୍ୱରୂପ ଉଭୟ ପକ୍ଷର ମାନ୍ୟଗଣ ବ୍ୟକ୍ତିମାନେ ଏହି ସନ୍ଧିପତ୍ରରେ ନିଜ ନିଜର ସ୍ୱାକ୍ଷର କରିଥିଲେ । ମୁସଲମାନମାନଙ୍କ ପକ୍ଷରୁ ହଜ଼ରତ ଅବୁ ଉବୈଦାହ୍ ର.ଅ ମଧ୍ୟ ସାମିଲ ଥିଲେ । ଆଁହଜ଼ରତ ସ.ଅ ହଜ଼ରତ୍ ଅବୁ ଉବୈଦାହ୍ ର.ଅଙ୍କୁ ଅନେକ ସରାୟା (ସରିୟାର ବହୁବଚନ ଅର୍ଥାତ୍ ଅଭିଯାନ)ରେ

ପ୍ରେରଣ କରିଥିଲେ । ତନ୍ମଧ୍ୟରୁ ଜ଼ାତୁସ୍ ସଲାସିଲ୍ ଅନ୍ୟତମ ଅଟେ । ହଜ଼ରତ ଉମ୍ରୋ ବିନ୍ ଆସ୍ ର.ଅଙ୍କୁ ସାହାଯ୍ୟ ପଠାଇବା ନିମନ୍ତେ ତାଙ୍କ ନିବେଦନ କ୍ରମେ ଆଁହଜ଼ରତ୍ ସ.ଅ ୨୦୦ ପ୍ରବାସକାରୀ ଏବଂ ଅନସାର୍ ସୈନିକ ହଜ଼ରତ ଅବୁ ଉବୈଦାହ୍ ର.ଅଙ୍କ ନେତୃତ୍ୱରେ ସାହାଯ୍ୟ ପାଇଁ ପ୍ରେରଣ କରି ଦେଇଥିଲେ ଏବଂ ତାଙ୍କୁ ଏହି ନିର୍ଦ୍ଦେଶ ଦେଲେ ଯେ, ଉମ୍ରୋ ର.ଅଙ୍କୁ ଯାଇ ଦେଖା କର ଏବଂ ପରସ୍ପର ମଧ୍ୟରେ କୌଣସି ପ୍ରକାରର ମତାନ୍ତର ସୃଷ୍ଟି ହେବାକୁ ଦେବ ନାହିଁ । ଯଦିଓ ହଜ଼ରତ ଅବୁ ଉବୈଦାହ୍ ର.ଅ ନିଜ ମର୍ଯ୍ୟାଦାଜନକ ପଦବୀ ଅନୁଯାୟୀ ଅଧ୍ୟକ୍ଷ ପଦବୀ ପାଇଁ ଯୋଗ୍ୟ ପ୍ରାର୍ଥୀ ଥିଲେ, କିନ୍ତୁ ଯେତେବେଳେ ହଜ଼ରତ ଉମ୍ରୋ ବିନ୍ ଆସ୍ ର.ଅ ବାରମ୍ବାର ଅଳି କଲେ ଯେ, ମୁଁ ହିଁ ସମସ୍ତ ସୈନ୍ୟ ଦଳର ନେତୃତ୍ୱ ନେବି ସେତେବେଳେ ହଜ଼ରତ ଅବୁ ଉବୈଦାହ୍ ପ୍ରସନ୍ନ ଚିତ୍ତରେ ତାଙ୍କର ନେତୃତ୍ୱକୁ ଗ୍ରହଣ କଲେ ଏବଂ ଉଭୟ ସୈନ୍ୟ ଦଳ ଅତ୍ୟନ୍ତ ସାହାସିକତାର ସହ ଶତ୍ରୁ ବିରୁଦ୍ଧରେ ଯୁଦ୍ଧ ଲଢିଲେ ଯେ, ଶତ୍ରୁ ପରାଜିତ ହେଲା । ଯେତେବେଳେ ହଜ଼ରତ ଅବୁ ଉବୈଦାହ୍ ବିନ୍ ଜର୍‌ରାହ୍ ର.ଅ ବିଜୟ ଲାଭ ପରେ ମଦିନା ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ଆଁହଜ଼ରତ ସ.ଅ ହଜ଼ରତ ଅବୁ ଉବୈଦାହ୍ ବିନ୍ ଜର୍‌ରାହ୍ ର.ଅଙ୍କ ଆଜ୍ଞାବହତାର ଖବର ଶୁଣିଲେ, ହୁଜ଼ୁର ସ.ଅ କହି ଉଠିଲେ رَحِمَ اللّٰهُ اَبَا عُبَيْدَةَ ଅର୍ଥାତ୍ ଅବୁ ଉବୈଦାହ୍ ର.ଅଙ୍କ ଉପରେ ଅଲ୍ଲାଃତାଲାଙ୍କ ଦୟାବତୀର୍ଣ୍ଣ ହେଉ । କାରଣ ସେ ଏହି ଆଜ୍ଞାବହତାର ସର୍ବୋଚ୍ଚ ସ୍ତରଟିକୁ ସ୍ଥାପନ କରିଛନ୍ତି ।

ହଜ଼ରତ ସୟେଦ୍ ଜ଼ୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ୍ ସରିୟା ସୈଫୁଲ୍ ଜ଼ର୍ ପ୍ରସଙ୍ଗରେ ଉଲ୍ଲେଖ କରନ୍ତି ଯେ, ହଜ଼ରତ ଅବୁ ଉବୈଦାହ୍ ର.ଅ ଉକ୍ତ ସରିୟାର ଅଧ୍ୟକ୍ଷ ଥିଲେ । ଇବ୍‌ନେ ସାଆଦ୍ ସରିୟତୁଲ୍ ଖବତ୍ ବିଷୟରୁ ତାହାର ସଂକ୍ଷିପ୍ତ ଚର୍ଚ୍ଚା କରିଛନ୍ତି । ଖବତ୍‌ର ଅର୍ଥ ହେଲା ବୃକ୍ଷର ପତ୍ର । ଯାତ୍ରାର ସମସ୍ତ ଜିନିଷ ପଦାର୍ଥ ଶେଷ ହେବା ଯୋଗୁଁ ମୁଜାହିଦିନ୍‌ମାନଙ୍କୁ ବୃକ୍ଷର ପତ୍ର ଖାଇବାକୁ ପଡ଼ିଥିଲା । ଇବ୍‌ନେ ସାଆଦ୍ ଉକ୍ତ ଐତିହାସିକ ଘଟଣାର ସମୟ ରଜବ୍ ୮ ହିଜରୀ ବୋଲି ଦର୍ଶାଇଛନ୍ତି ଏବଂ  ତାହା ସୁଲାହ୍ ହୁଦୈବିୟାର ସମୟ ଥିଲା । ଆଁହଜ଼ରତ୍ ସ.ଅ ଦୂରଦର୍ଶିତାରେ ହୃଦୟଙ୍ଗମ କଲେ ଏବଂ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରି ଉପରୋକ୍ତରେ ବର୍ଣ୍ଣିତ ସୈନ୍ୟ ଦଳକୁ ସୈଫୁଲ୍ ଜର୍‌ରେ ପ୍ରେରଣ କରିଥିଲେ । କାରଣ ସିରିୟାରୁ ଆଗନ୍ତୁକ କୁରୈଶୀୟ ଗୋଷ୍ଠୀ ସହିତ ଯେପରି ଅସଦାଚରଣ ନ ହେଉ ଏବଂ କୁରୈଶମାନଙ୍କୁ ସର୍ତ୍ତ ଭଙ୍ଗର କୌଣସି ଆଳ ଯେପରି ନ ମିଳୁ ।

ହଜ଼ରତ ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମକ୍କା ବିଜୟ ଦିନ ରସୁଲ୍ କରୀମ୍ ସ.ଅ ଆସିଲେ, ଏପରି କି ଆଁହଜ଼ରତ୍ ସ.ଅ ମକ୍କାରେ ପ୍ରବେଶ କରିଗଲେ । ହଜ଼ରତ ଜ଼ୁବୈର ର.ଅଙ୍କୁ ସୈନ୍ୟ ଦଳର ଗୋଟିଏ କଡ଼ରେ ଏବଂ ହଜରତ ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ସୈନ୍ୟ ଦଳର  ଅନ୍ୟ ଏକ କଡ଼ରେ ନିୟୋଜିତ କଲେ ଏବଂ ହଜ଼ରତ ଅବୁ ଉବୈଦାହ୍ ର.ଅଙ୍କୁ ପଦାତିକ ସୈନ୍ୟମାନଙ୍କର, ସମତଳ ସ୍ଥାନର ଅଧ୍ୟକ୍ଷ ରୂପେ ଅଭିଷିକ୍ତ କରିଦେଲେ । ହଜ଼ରତ ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ବାହାରୈନ୍‌ବାସୀଙ୍କ ସହିତ ଯିଜ଼ିୟାର ସର୍ତ୍ତମୂଳକ ସନ୍ଧି କରିଥିଲେ, ହଜ଼ରତ ଅବୁ ଉବୈଦାହ୍ ର.ଅ ଯେତେବେଳେ  ଯିଜ଼ିୟା ଧରି ଆସିଲେ ସେତେବେଳେ ହୁଜ଼ୁର ସ.ଅ ଲୋକମାନଙ୍କୁ କହିଲେ **ହେ**

**ଲୋକମାନେ ! ପ୍ରସନ୍ନ ହୋଇଯାଅ !** ଏବଂ **ଏହା ବିଶ୍ୱାସ ରଖ ଯାହା ତୁମ ପାଇଁ ଉତ୍ତମ ଥିବ । ମୁଁ ତୁମ ସଂକ୍ରାନ୍ତରେ ନିର୍ଧନତାରୁ ଭୟ କରୁ ନାହିଁ ବରଂ ମୁଁ ଏହି କଥା ଯୋଗୁଁ ଭୟଭୀତ ହେଉଛି ଯେ, ଯେତେବେଳେ ସାଂସାରିକତାକୁ ତୁମ ଉପରେ ପ୍ରଶସ୍ତ କରିଦିଆଯିବ ସେତେବେଳେ ତୁମେମାନେ ପରସ୍ପର ଠାରୁ ଅଧିକ ଈର୍ଷା କରିବାକୁ ଆରମ୍ଭ କରିଦେବ । ମୁଁ ଏହି କଥାକୁ ଭୟ କରେ ଯେ, ତୁମେମାନେ ସାଂସାରକି ମୋହମାୟାରେ ପଡ଼ି ଯେପରି  ନିଜ (ଇହ ଓ ପର କାଳ)କୁ ଧ୍ୱଂସ ନ କରଦିଅ ।** ହୁଜୁର ଅନୱର ଅ.ବ କହିଲେ ଏହା ଆମମାନଙ୍କ ପାଇଁ ସତର୍କ ବାଣୀ ଯାହାକୁ ପ୍ରତ୍ୟେକ ଅହେମଦି ନିଜ ଆଗରେ ରଖିବା ଉିଚିତ୍ ଏବଂ ନିଜର ଅବସ୍ଥାକୁ ସର୍ବଦା ନିରୀକ୍ଷଣ କରିବା ଉଚିତ ଯେ, ଆଁହଜ଼ରତ ସ.ଅଙ୍କ ଭିବଷ୍ୟବାଣୀ ଅନୁଯାୟୀ ଧନପ୍ରାପ୍ତି ତ' ଅବଶ୍ୟ ହେବ କିନ୍ତୁ ଆମମାନେ ସେହି ଧନ କାରଣରୁ ନିଜର ଧର୍ମକୁ ଯେପରି ଭୁଲି ନଯାଉ ।

ହୁଜୁର ଅନୱର ଅ.ବ କହିଲେ : ହଜ଼ରତ ଅବୁ ବକ୍କର ର.ଅଙ୍କ ଦୃଷ୍ଟିରେ ହଜ଼ରତ୍ ଅବୁ ଉବୈଦାହ୍ ର.ଅଙ୍କ ଏହି ମର୍ଯ୍ୟାଦା ଥିଲା ଯେ, ଆଁହଜ଼ରତ ସ.ଅଙ୍କ ବିୟୋଗ ପରେ ହଜ଼ରତ ଅବୁ ବକ୍କର ର.ଅ ହଜ଼ରତ ଅବୁ ଉବୈଦାହ୍ ର.ଅଙ୍କ ନାମ ଖିଲାଫତ୍ ନିମନ୍ତେ ଆଗତ କରିଥିଲେ । ସେହିପରି ହଜ଼ରତ ଉମର୍ ର.ଅ ମଧ୍ୟ ନିଜ ବିୟୋଗ ପୂର୍ବରୁ କହିଲେ ଯେ, ଯଦି ଅବୁ ଉବୈଦାହ୍ ର.ଅ ଜୀବିତ ଥାଆନ୍ତେ ତାହାହେଲେ ପରବର୍ତ୍ତୀ ଖଲିଫା ଲାଗି ମୁଁ ତାଙ୍କ ପାଇଁ ନାମାଙ୍କନ କରିଥାଆନ୍ତି । କାରଣ ସେ ଏହି ଉମ୍ମତ୍‌ର ଅମିନ୍ ଥିଲେ । ହଜ଼ରତ ଅବୁ ବକ୍କର ର.ଅ ଯେତେବେଳେ ଖିଲାଫତ୍ ଆସନରେ ଅଭିଷିକ୍ତ ହେଲେ ସେତେବେଳେ ସେ ବୈତୁଲ୍ ମାଲର ଦାୟିତ୍ୱ ହଜ଼ରତ ଅବୁ ଉବୈଦାହ୍ ର.ଅଙ୍କ ଉପରେ ନ୍ୟସ୍ତ କରିଥିଲେ । ୧୩ ହିଜରୀରେ ହଜ଼ରତ ଅବୁ ବକ୍କର ର.ଅ ହଜ଼ରତ ଅବୁ ଉବୈଦାହ୍ ର.ଅଙ୍କୁ ସିରିୟା ଅଭିମୁଖେ ସୈନ୍ୟଦଳର ଅମୀର କରି ପ୍ରେରଣ କରିଥିଲେ । ହଜ଼ରତ ଅବୁ ଉବୈଦାହ୍ ର.ଅ ସର୍ବପ୍ରଥମେ ସିରିୟାୟର ମାବ୍ ସହର ଉପରେ ବିଜୟ ଲାଭ କରିଥିଲେ । ଏହାପରେ ସେ ଜାବିୟା ଆଡ଼କୁ ମୁହାଁଇଥିଲେ ଯେଉଁଠି ରୋମୀୟମାନଙ୍କର ବିଶାଳ ସେନା ଯୁଦ୍ଧ ପାଇଁ ପ୍ରସ୍ତୁତ ରହିଥିଲା । ଏହା ଦେଖି ହଜ଼ରତ ଅବୁ ଉବୈଦାହ୍ ର.ଅ ହଜ଼ରତ ଅବୁ ବକ୍କର ର.ଅଙ୍କ ସେବାରେ ଅତିରିକ୍ତ ସାହାଯ୍ୟ ପାଇଁ ନିବେଦନ କଲେ । ହଜ଼ରତ ଅବୁ ବକ୍କର ର.ଅ ହଜ଼ରତ ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ହଜ଼ରତ ଅବୁ ଉବୈଦାହ୍ ର.ଅଙ୍କ ସୈନ୍ୟଦଳର ନେତା ରୂପେ ନିଯୁକ୍ତ କରି ଉବୈଦାହ୍ ର.ଅଙ୍କୁ ସାହାଯ୍ୟ କରିବା ପାଇଁ ପ୍ରେରଣ କରିଥିଲେ । ହଜ଼ରତ ଖାଲିଦ୍ ବିନ୍ ୱଲିଦ୍ ହଜ଼ରତ ଅବୁ ଉବୈଦାହ୍ ର.ଅଙ୍କୁ ପତ୍ର ଲେଖିଲେ ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୁଁ ଏହି ଅଧକ୍ଷତା ପାଇଁ କେବେବି ଦାବି କରି ନାହିଁ ଓ ନା ହିଁ ମୋର ଏପରି କୌଣସି ମନୋବାଞ୍ଛା ଥିଲା । ଆପଣଙ୍କର ମର୍ଯ୍ୟାଦା ଯେପରି ପୂର୍ବେ ଥିଲା ସେହିପରି ଆପଣଙ୍କର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହିବ । ଆପଣ ମୁସଲମାନମାନଙ୍କର ଅଧିପତି ଅଟନ୍ତି । ଆପଣଙ୍କର ଶ୍ରେଷ୍ଠତାକୁ ଆମେମାନେ କେବେ ଖଣ୍ଡନ କରିପାରୁ ନାହୁଁ ଓ ନା ହିଁ ଆପଣଙ୍କ ପରାମର୍ଶରୁ ଆମେମାନେ ନିବୃତ୍ତଚିତ୍ତ ହୋଇପାରିବୁ । ହୁଜୁର ଅନୱର୍ ଅ.ବ କହିଲେ: **ହେଇ ଦେଖନ୍ତୁ ଏହା ହିଁ ହେଉଛି ବିଶ୍ୱାସକାରୀଙ୍କ ସର୍ବୋଚ୍ଚ ମର୍ଯ୍ୟାଦା ।** ଉଭୟ ପକ୍ଷରୁ କିଭଳି ବିନମ୍ରତା ଆଚରଣ ପ୍ରକାଶ ପାଉଅଛି । ଏହାପରେ ଇସ୍‌ଲାମୀୟ ସୈନ୍ୟଦଳ ସିରିୟାର ବିଭିନ୍ନ ସହରରେ ଯଥା ଅଜ୍‌ନାଦୈନ୍, ଫହଲ୍, ଦମିଶ୍କ, ଲାଜ଼କିୟା ଆଦି ଅଞ୍ଚଳ ଉପରେ

ଆଧିପତ୍ୟ ଲାଭ କରିଥିଲେ । ହଜରତ ଉମର୍ ର.ଅ ଖିଲାଫତ୍ ଆସନରେ ଅଭିଷିକ୍ତ ହେବା ପରେ ହଜରତ ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ କମାଣ୍ଡର ପଦବୀରୁ ନିଲମ୍ବିତ କରି ତାଙ୍କ ସ୍ଥାନରେ ହଜରତ ଅବୁ ଉବୈଦାହ୍ ର.ଅଙ୍କୁ କମାଣ୍ଡର ପଦବୀରେ ନିଯୁକ୍ତ କରିଥିଲେ । ହୁଜୁର ଅନୱର୍ ର.ଅ କହିଲେ ହଜରତ ଅବୁ ଉବୈଦାହ୍ ର.ଅଙ୍କ ଜୀବନୀ ସଂପର୍କିତ ଅବଶିଷ୍ଟ ଚର୍ଚ୍ଚା **ଇନ୍‌ଶା ଅଲ୍ଲାଃ** ଆସନ୍ତା ଖୁତ୍‌ବାରେ କରିବି ।

ଖୁତ୍‌ବା ଜୁମାର ଶେଷ ପର୍ଯ୍ୟାୟରେ ହୁଜୁର ଅନୱର୍ ଅ.ବ କହିଲେ : ଆଜିକାଲି ପାକିସ୍ତାନର ଅହେମଦି ଭାଇ ଭଉଣୀମାନଙ୍କ ପାଇଁ ମଧ୍ୟ ଅଧିକ ଦୁଆ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ମୌଲବାଦୀ ଏବଂ ସରକାରଙ୍କ ଅଧୀନ କର୍ମଚାରୀଙ୍କ ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ । ସେଠାରେ ଆଉଥରେ ବିରୋଧର ଲହରୀ ଖେଳି ଯାଇଛି । ଆଇନର ରକ୍ଷାକର୍ତ୍ତାମାନେ କେବଳ ନ୍ୟାୟକୁ ଭୁଲିଯାଇ ନାହାନ୍ତି ବରଂ ଆଇନ ଶୃଙ୍ଖଳାର ଶିର ଛେଦ କରି ଆଇନ ଶୃଙ୍ଖଳାକୁ ବିପର୍ଯ୍ୟସ୍ତ କରି ଚାଲିଛନ୍ତି । ଯେଉଁ ମୌଲବୀ ବି ପୁଲିସକୁ ଅହେମଦି ବିରୁଦ୍ଧରେ କୌଣସି କଥା କହିଦିଏ ତାହାହେଲେ ପୁଲିସ ସଙ୍ଗେସଙ୍ଗେ ତାହା ପଛରେ ଚାଲିବା ଆରମ୍ଭ କରି ଦିଅନ୍ତି । କାରଣ ସେମାନଙ୍କୁ ରାଜନୈତିକ ପୃଷ୍ଠପୋଷକତା ଯେପରି ମିଳିଯାଉ । କିନ୍ତୁ ଏହା ସେମାନଙ୍କ ଭ୍ରମ ଧାରଣା, ସେମାନେ ସର୍ବଦା ଏହା ସ୍ମରଣ ରଖନ୍ତୁ ଯେ, ଏହି ବସ୍ତୁ ହିଁ ସେମାନଙ୍କ ବିନାଶର କାରଣ ସାବ୍ୟସ୍ତ ହେବ । ଆମେମାନେ ତ' ପୂର୍ବେ ମଧ୍ୟ ଏଭଳି କଷଣ ଦେଇ ଗତି କରିଆସିଛୁ ଏବଂ ବର୍ତ୍ତମାନ ମଧ୍ୟ **ଇନ୍‌ଶା ଅଲ୍ଲାଃ** ଏହିଭଳି ପରିସ୍ଥିତି ଦେଇ ଗତି କରିଯିବୁ । କିନ୍ତୁ ସେମାନଙ୍କର ଏଭଳି ଆଚରଣରୁ ଯଦି ସେମାନେ ନିବୃତ୍ତ ନ ହୁଅନ୍ତି ତାହାହେଲେ ସେମାନଙ୍କର ବିନାଶ ସୁନିଶ୍ଚିତ । ସୁତରାଂ ଅହେମଦିମାନଙ୍କୁ ଆଜିକାଲି ବହୁତ ଦୁଆ କରିବାର ଆବଶ୍ୟକତା ରହିଛି ଯେ, ଅଲ୍ଲାଃତାଲା ଏହି ସମସ୍ୟାକୁ ଦୂର କରନ୍ତୁ ଏବଂ ଆମେମାନେ ଅଲ୍ଲାଃତାଲାଙ୍କ ସହିତ ନିଜର ସଂପର୍କକୁ ବିଶେଷ ରୂପେ ଦୃଢୀଭୂତ କରିବାର ଆବଶ୍ୟକତା ରହିଛି । ବିଶେଷ କରି ପାକିସ୍ତାନରେ ବସବାସ କରୁଥିବା ଅହେମଦିମାନେ ଏବଂ ବାହାରେ ବସବାସ କରୁଥିବା ଅହେମଦିମାନେ ମଧ୍ୟ ଅଲ୍ଲାଃତାଲାଙ୍କର ସାହାଯ୍ୟ ଏବଂ ସହଯୋଗ ଯଥାଶୀଘ୍ର ଆମମାନଙ୍କୁ ପ୍ରାପ୍ତ ହେଉ ଏବଂ ସେଠାକାର ବସବାସ କରୁଥିବା ପ୍ରତ୍ୟେକ ଅହେମଦିମାନେ ଉପରୋକ୍ତ ସମସ୍ୟାରୁ ଆଶୁମୁକ୍ତି ହୁଅନ୍ତୁ । ଆମିନ୍ ।

KHULASA KHUTBA JUMA HUZOOR ANWAR a.b.a

2nd Oct 2020

.........................